# Akashvani, Sambalpur

## SAMBALPURI NEWS MORNING BULLETIN

## 11 June 2026 - 6.47- 6.52 am.

---

ନୀତି ଆୟୋଗ୍ ବୈଠକ୍        ଭୁବନେଶ୍ୱର୍ ସମ୍ବାଦଦାତା

ନୀତି ଆୟୋଗ୍‌ର ଗୁଟେ ଜରୁରୀ ବୈଠକ୍ ଆଏଜ୍ ନୂଆଦିଲ୍ଲୀ ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଅଲଗା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ମାନେ ଇଥି ଯୋଗ୍ ଦେବେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶାର୍ ସ୍ୱାର୍ଥ ସମ୍ବନ୍ଧିତ୍ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ରାଜ୍ୟପାଲ୍- ଏଫ୍.ଏ.ବି. ସମ୍ମିଟ୍        ଆଇ.ଆଣ୍ଡ.ପି.ଆର୍

କୃଷିକେ ପାରମ୍ପରିକ୍ ବୃତି ନୁହେଁ ନବସୃଜନ, ଉଦ୍ୟୋଗ୍ ଆଉ ରାଷ୍ଟ୍ରଗଠନ୍‌ର କ୍ଷେତ୍ର ହିସାବେ ଗ୍ରହଣ୍ କର୍‌ବାର୍‌କେ ଯୁଆନ୍ ପିଢ଼ିଙ୍କୁ

ରାଜ୍ୟପାଳ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି ଆହ୍ୱାନ୍ ଦେଇଛନ୍ । ଓୟୁଏଟି ନ ଇଣ୍ଡିଆନ୍ ଚାମ୍ବର୍ ଅଫ୍ କମର୍ସ-ଆଇସିସି ଆଇ ଓୟୁଏଟି ତର୍ଫୁ ହେଇଥିବା ଓଡ଼ିଶା ଫୁଡ଼୍ ଏଗ୍ରି ଏଣ୍ଡ୍ ଭାୟୋଟେକ୍ ସମ୍ମିଟ୍-୨୦୨୬ କେ ଉଦ୍‌ଘାଟନ୍ କରିକରି ଚାଷ୍‌ର ଭବିଷ୍ୟତ୍, ଉଭାବକ୍, ଉଦ୍ୟୋଗୀ ଆଉ ସମସ୍ୟା ସମାଧାନ୍‌କାରୀଙ୍କର୍ ହାତେ ଅଛେ ବଲି ରାଜ୍ୟପାଳ୍ କହିଛନ୍ । ଇ ଅବ୍‌ସରେ ହେଣ୍ଡ୍‌ବୁକ୍ ଅଫ୍ ଏଗ୍ରି ବିଜ୍‌ନେସ୍ ଇନ୍ ଓଡ଼ିଶା ପୁସ୍ତକ୍ ଉନ୍ମୋଚିତ୍ ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଷ୍ଟ୍ରପତି- ମୟୁର୍‌ଭଞ୍ଜ          ଆଇ ଆଣ୍ଡ୍ ପି.ଆର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ ମାସର୍ ୧୯ ଆଉ ୨୦ ତାରିଖ୍ ମୟୁର୍‌ଭଞ୍ଜ୍ ଗସ୍ତଥି ଆସ୍‌ବେ । ତାଙ୍କର୍ ଗସ୍ତକେ ନେଇକରି ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ କରିଛନ୍ । ରାଜ୍ୟ ପୁଲିସ୍ ମୁଖ୍ୟାଳୟ ନ ହେଇଥିବା ବୈଠକ୍‌ଥି ସୁରକ୍ଷା ବ୍ୟବସ୍ଥାକେ ସର୍ବୋଚ୍ଚ ପ୍ରାଥମିକତା

ଦେଇକରି ସବୁ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖ୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ପୁରୀ ପେଟେଂଟ୍          ପୁରୀ ସମ୍ୱାଦଦାତା

ପୁରୀ ଶ୍ରୀମନ୍ଦିର୍ ସାଙ୍ଗେ ଜଡ଼ିତ୍ ୨ ଟା ଶବ୍ଦ ଆନନ୍ଦବଜାର୍, ପତିତପାବନ ଆଉ ଶ୍ରୀ ମନ୍ଦିର୍ ପ୍ରଶାସନ୍‌ର ନୀଳଚକ୍ର ଲୋଗୋକେ ଇଣ୍ଡିଆନ୍ ପେଟେଂଟ୍ - ଆଇ.ପି. ଇଣ୍ଡିଆ ତର୍‌ଫୁ ଟ୍ରେଡ଼୍‌ମାର୍କ ଅନୁମୋଦନ୍ ମିଳିଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ମୋଟ୍ ୨୯ ଟା ନାଁ ଲାଗି ଟ୍ରେଡ଼୍‌ମାର୍କ ଆବେଦନ୍ କରିଥିଲା ।  ପହେଲା ଖେପେ ଇ ୩ ଟା ପଞ୍ଜିକୃତ୍ ହେଇଥିବାର୍ ବେଲେ ବାକି ୨୬ ଟା ଲାଗି ଆଇ.ପି. କାର୍ଯ୍ୟାଳୟ ଅଏତ୍‌କା ତଥ୍ୟ ମାଗିଛେ । ପେଟେଂଟ୍ ନିୟମ୍ ଅନ୍‌ସାରେ ଅନୁମୋଦନ୍ ଉତ୍‌ରୁ ଇ ଶବ୍ଦ ଆଉ ଲୋଗୋକେ ଅଲ୍‌ଗା ଜାଗା ନ ବେଭାର୍, ବିକ୍ରି, ପ୍ରସ୍ତୁତି ଆଉ ଆମ୍‌ଦାନୀ ଉପ୍‌ରେ ରୋକ୍ ଲାଗ୍‌ବା । ଶ୍ରୀଜଗନ୍ନାଥ୍ ଧାମ୍ ନାଁ ଲାଗି ଭିଲ୍ ପେଟେଂଟ୍ ଆବେଦନ୍ କରାଯାଇଛେ ଆଉ ଆଏବା ଦିନେ ବାକି ୨୬ ଟା ନାଁ ଭିଲ୍

ପଞ୍ଜିକୃତ୍ ହେବା ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ ।

କ୍ରୀଡ଼ା ପ୍ରଶିକ୍ଷକ ନିଯୁକ୍ତି          ଆଇ ଆଣ୍ଡ୍ ପି.ଆର୍

ରାଏଜେ କ୍ରୀଡ଼ା ଭିତିଭୂମିକେ ବରକସ୍ କର୍ବାର୍ ଲାଗି କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍ଫୁ ୧୨ ଟା କ୍ରୀଡ଼ାର୍ ବିଭାଗ୍ ଲାଗି ୨୫ ଝନ୍ ପ୍ରଶିକ୍ଷକଙ୍କୁ ପ୍ରାଥମିକ୍ ଭାବେ ବଛାଯାଇଛେ । ୧୦ ବଛର୍ ଉତ୍ରୁ ଫେର୍ଥରେ ରାଏଜେ କୋଚ୍ ନିଯୁକ୍ତି ହେଇଛେ । ୨୦୨୫ ମସିହାଥି ୧୬ ଟା ବିଭାଗ୍ ନ ୩୮ ଟା ଖାଲି ପଦ୍ବୀ ଲାଗି ଆବେଦନ୍ ମଗାଯାଇଥିଲା । ଇହାଦେ ୨୫ ଝନ୍କୁ ବଛାଯାଇଛେ । ସେଥିର୍ଭିତ୍ରେ ୯ ଝନ୍ ମହିଳା କୋଚ୍ ଅଛନ୍ ।

ସ୍ନାତକ ନାଁଲେଖା          ଆଇ ଆଣ୍ଡ୍ ପି.ଆର୍

ରାଏଜେ ଉଚ୍ଚଶିକ୍ଷାନୁଷ୍ଠାନ୍ ନ ସ୍ନାତକ ପାଠ୍ୟକ୍ରମ୍ଥି ନାଁଲେଖା ଲାଗି ଆବେଦନ୍ ସମିଆକେ ଆଏବା ୧୬ ତାରିଖ୍ତକ୍ ବଢ଼ାଯାଇଛେ ।

ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌ଥି ଆବେଦନ୍ କରିପାର୍‌ବେ ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ୨୨ ତାରିଖ୍ ଉପର୍‌ବେଲା ୨ ବଜେ ପହେଲା ମେଧା ତାଲିକା ବାହାର୍‌ବା । ୨୦୨୬-୨୭ ଶିକ୍ଷା ବଛର୍ ନାଁଲେଖା ଜାତୀୟ ଶିକ୍ଷାନୀତି -୨୦୨୦ ଆଧାର୍‌ଥି କରାଯିବା । ଛାତ୍ରଛାତ୍ରୀମାନେ କମନ୍ ଆପ୍ଲିକେସନ୍ ଫର୍ମଥି ନିଜର୍ ପସନ୍ଦ୍‌ର ମେଜର୍, ମାଇନର୍ ବିଷେ ବାଛିପାର୍‌ବେ । ଇତାର୍‌ଛଡ଼ା ଆପ୍ରିଂଟିସିପ୍ ଏମ୍‌ବେଡ଼ଡ୍ ଡିଗ୍ରୀ ପାଠ୍ୟକ୍ରମ୍ ଲାଗି ଭିଲ୍ ଛାତ୍ରଛାତ୍ରୀମାନେ ଆବେଦନ୍ କରିପାର୍‌ବେ । ସ୍ନାତକ ପାଠ୍ୟକ୍ରମ୍‌କେ ଆଏବା ଜୁଲାଇ ୧୦ ତାରିଖ୍‌ତକ୍ ମୁଲ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ଲକ୍ଷ୍ୟ ରଖାଯାଇଛେ ।

ଏସ୍‌ଆଇଆର        ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍‌ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍‌ଆଇଆର୍ ଅଭିଯାନ୍‌ର ଗଲାକାଏଲ୍ ୧୨ ନମ୍ବର୍ ଦିନ୍ ସରିଛେ । ଗଲାକାଏଲ୍‌ତକ୍ ରାଏଜେ ୩ କୋଟି ୧୫ ଲାଖ୍ ନୁ ଅଏତ୍‌କା ଭୋଟର୍‌ଙ୍କୁ ଫର୍ମ ବାଂଟ୍‌ବାର୍

କାମ୍ ଶେଷ୍ ହେଇଛେ । ଏବ୍‌ତକ୍ ମୋଟ୍ ୯୪ ଦଶ୍‌ମିକ୍ ୩/୭ ପ୍ରତିଶତ୍  ଭୋଟର୍‌ଙ୍କର୍ ପାଖେ ଗଣନା ଫର୍ମ ପୁହୁଁଚାବାର୍‌ଥି ବୁଥ୍‌ସ୍ତରୀୟ ଅଧିକାରୀମାନେ ସଫଲ୍ ହେଇଛନ୍ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ । ହେଥିର୍‌ଲାଗି ଯେନ୍ ଭୋଟର୍‌ମାନେ ଏବ୍‌ତକ୍ ଫର୍ମ ଦାଖଲ୍ ନାଇଁକରି ସେମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଦାଖଲ୍ କର୍‌ବାର୍‌କେ ପ୍ରଶାସନ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

କେନ୍ଦ୍ର ସଂଗୀତ୍ ନାଟକ୍ ଏକାଡେମୀ        ପି.ଆଇ.ବି.

କେନ୍ଦ୍ର ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ୨୦୨୪- ଆଉ ୨୦୨୫ ବଛର୍ ଲାଗି ଭିନ୍ ଭିନ୍ ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ସେଥିର୍ ଭିତ୍‌ରେ ୭ ଝନ୍‌କୁ ଏକାଡେମି ଫେଲୋସିପ୍, ଶହେ ୮ ଝନ୍‌କୁ ଏକାଡେମୀ ପୁରସ୍କାର୍ ଆଉ ଶହେ ୬ ଝନ୍ ଯୁବ କଳାକାର୍‌ଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାର୍ ରହିଛେ । ସମ୍ବଲ୍‌ପୁର୍‌ର ବିଶିଷ୍ଟ ସମ୍ବଲପୁରୀ ନୃତ୍ୟ ଗୁରୁ ରଞ୍ଜିତ୍ କୁମାର୍ ନାଗ୍‌ଙ୍କୁ ୨୦୨୪ ବଛର୍ ଲାଗି କେନ୍ଦ୍ର ସଂଗୀତ୍ ନାଟକ୍ ଏକାଡେମୀ

ପୁରସ୍କାର୍ ଲାଗି ମନୋନିତ୍ କରାଯାଇଛେ । ସମ୍ବଲ୍‌ପୁରୀ ଲୋକନୃତ୍ୟର ବ୍ୟାପକ୍ ପ୍ରଚାର୍ ପ୍ରସାର୍ ଲାଗି ତାଙ୍କର୍ ଜୀବନ୍ ବ୍ୟାପୀ ଉଦ୍ୟମ୍ ଲାଗି ତାଙ୍କୁ ଇ ପୁରସ୍କାର୍ ଦିଆଯାଇଛେ ।

ଶୀତଲ୍‌ଷଷ୍ଠୀ- ଜିଲ୍ଲାପାଲ୍ ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଗଣପର୍ବ ଶୀତଲ୍‌ଷଷ୍ଠୀ ଯାତ୍ରାକେ ସୁରକ୍ଷିତ୍, ଶୃଙ୍ଖଳିତ୍ ଆଉ ଧୁମ୍‌ଧାମ୍‌ଥି ପାଲନ୍ କର୍‌ବାର୍‌କେ ଜିଲ୍ଲା ପ୍ରଶାସନ୍ ତରଫ୍‌ରୁ ପ୍ରସ୍ତୁତି ଜୋର୍‌ଦାର୍ କରାଯାଇଛେ । ଇ ଅବ୍‌ସରେ ଗଲାକାଏଲ୍ ବେଲ୍‌ବୁଢ଼େ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଆଉ ମହାନଗର୍ ନିଗମ୍ ଆୟୁକ୍ତ ରେହାନ୍ ଖେତ୍ରୀ ସହରର୍ ମୁଖିଆ ପଡ଼ା ନନ୍ଦପଡ଼ା, ଝାଡୁଆପଡ଼ା, ମୁଦିପଡ଼ାକେ ଯାଇକରି ସମୀକ୍ଷା କରିଛନ୍ ।